## ସଂକ୍ଷେପରେ

### ଚନ୍ଦନ ବେଶରେ ଲକ୍ଷ୍ମୀନୃସିଂହ



**ଜୟପୁର, ୪।୫ (ନି.ପ୍ର.):** ଜୟପୁର କଣ୍ଡରାସାହିସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ଠାକୁରଙ୍କୁ ବୁଧବାର ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ୯ ଦିନ ଧରି ପ୍ରଭୁ ଚନ୍ଦନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏହି ଦିନଗୁଡ଼ିକରେ ସ୍ୱତନ୍ତ୍ର ନୀତିକାନ୍ତି, ଆଳତି, ଫଳ ମୂଳ ଆଦି ଭୋଗ ଲାଗି ହେବ ବୋଲି ମନ୍ଦିର ପୂଜକ ସୁନୀଲ ଆଚାର୍ଯ୍ୟ କହିଛନ୍ତି।

### ବିକଳ୍ପ ଭ୍ୟାକ୍ସିନ ବିତରଣ ସେବା ଆରମ୍ଭ

**ଚିତ୍ରକୋଣ୍ଡା,୪।୫(ଡି.ଏନ.ଏ.):** ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଜାନବାଇ ଏବଂ ପଣସପୁଟରେ ବିକଳ୍ପ ଭ୍ୟାକ୍ସିନ ବିତରଣ ସେବା ବୁଧବାର ଆରମ୍ଭ ହୋଇଛି। ସେକ୍ଟର ରୂପେ ଚିହ୍ନଟ କରାଯାଇ କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ ନିର୍ଦ୍ଦେଶରେ ପୋରୋବର୍ତ୍ତନ ଅନୁଷ୍ଠାନ ଏହି ଦାୟିତ୍ୱ ନେଇଛି। ଏହି କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ମହନ୍ତ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ସେକ୍ଟର ଅନ୍ତର୍ଗତ ଉପକେନ୍ଦ୍ରଗୁଡିକରେ ଏଣିକି ସୁବିଧାରେ ଭ୍ୟାକ୍ସିନ ପହଞ୍ଚିପାରିବ ବୋଲି ଆଶା ପ୍ରକାଶ ପାଇଛି। ବିପିଏମ ହରପ୍ରସାଦ ତାରିଣୀ, ଜାନବାଇ ହେଲଥ ସୁପରଭାଇଜର ଶଶାଙ୍କ ଶେଖର କର ଓ ପୋରୋବର୍ତ୍ତନର ସମ୍ପାଦକ ସନ୍ତୋଷ ଶୁକ୍ଳା ପରିଚାଳନା କରିଥିଲେ ।

### ଫେରାର ଅଭିଯୁକ୍ତ ଗିରଫ



**ଜୟପୁର, ୪।୫ (ନି.ପ୍ର.):** ଜଣେ ଫେରାର ଅଭିଯୁକ୍ତଙ୍କୁ ବୁଧବାର ଟାଉନ ପୋଲିସ ଗିରଫ କରିଛି। ସେ ହେଲେ ଜୟପୁର ଗୋପବନ୍ଧୁନଗରର ମହେନ୍ଦ୍ର କୁଳଦୀପ। ୨୦୧୭ରେ ମହେନ୍ଦ୍ରଙ୍କ ନାମରେ ଟାଉନ ଥାନାରେ ଏକ ଅପରାଧିକ ମାମଲା ଥିଲା। ସେବେଠାରୁ ସେ ଫେରାର ଥିଲେ। ସେ ଗୋପବନ୍ଧୁନଗରରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।

### ମଦ କାରବାର, ୨ ମହିଳାଙ୍କ ସମେତ ୩ ଗିରଫ



**ଜୟପୁର,୪।୫ (ନି.ପ୍ର.):** ବେଆଇନ ମଦ କାରବାର କରୁଥିବା ଅଭିଯୋଗର ଜୟପୁର ଅବକାରୀ ବିଭାଗ ଚଢାଉ କରି ୨ ମହିଳା ସହ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଜୟପୁର ଗୋଡିଆ ଧୋବା ସାହିର କାଞ୍ଚନ ସଗରିଆ, ଖ୍ରୀଷ୍ଟିଆନପେଟାର ସୁହନ ଖୋସଲା, ସୌରାଗୁଡାର ଦୋହନା ବେନିଆ। ସେମାନଙ୍କଠାରୁ ୫୬ ଲିଟର ଦେଶୀ ମଦ ହୋଇଛି। ଏହି ଚଢାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାଝି ସାମିଲ ହୋଇଥିଲେ।

# ଗୋଷ୍ଠୀ ଶୌଚାଳୟରୁ ଫିଟୁନି ତାଲା

**କୋରୁକୋଣ୍ଡା, ୪।୫(ଡି.ଏନ୍.ଏ.)**

- ଆରମ୍ଭରୁ ମାତ୍ର ୧୫ ଦିନ ଲୋକଙ୍କ କାମରେ ଆସିଥିଲା
- ମୋଟର ପୋଡ଼ିଯାଇ ପାଣି ଉଠୁନି
- ସମସ୍ତେ ନିଜ ମୁଣ୍ଡରୁ ଖସାଇ ଦେଉଛନ୍ତି ଦାୟିତ୍ୱ




ତାଲା ପଡ଼ି ରହିଥିବା ଗୋଷ୍ଠୀ ଶୌଚାଳୟ।

ନିର୍ମାଣ ପରଠାରୁ ମାତ୍ର ୧୫ ଦିନ ଲୋକଙ୍କ ସେବାରେ ଲାଗିଛି। ତା'ପରଠାରୁ ତାଲା ପଡ଼ି ରହିଛି ଗୋଷ୍ଠୀ ଶୌଚାଳୟ। ଜନକଲ୍ୟାଣ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକଳ୍ପରେ କେନ୍ଦ୍ର ଓ ରାଜ୍ୟ ସରକାର ଖର୍ଚ୍ଚ କରୁଥିବା ଅର୍ଥ ଏପରି ଅପବ୍ୟୟ ହେଉଥିବା ନଜିର ସାମ୍ନାକୁ ଆସିଛି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ଏହାର ଉଦାହରଣ।

ପୋଟ୍ରେଲ ଛକଠାରେ ୨୦୨୦-୨୧ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୋଷ୍ଠୀ ଶୌଚଳୟ ନିର୍ମାଣ କରାଯାଇଥିଲା। ମାତ୍ର ଦୀର୍ଘଦିନ ଧରି ବିଦ୍ୟୁତ୍ ସଂଯୋଗ ନ ହେବାରୁ ଶୌଚାଳୟ ଲୋକଙ୍କ କାମରେ ଲାଗି ନ ଥିଲା। ଏନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଇବାରୁ ପ୍ରଶାସନ ସେଠାରେ ପାଣି ପାଇଁ ମୋଟର ଲଗାଇ ବିଦ୍ୟୁତ୍ ସଂଯୋଗ କରିଥିଲା। ଫଳରେ ଜନସାଧାରଣ ଏବଂ ବିଭିନ୍ନ କାର୍ଯ୍ୟରେ ଯାତାୟାତ ଲାଗି ସେଠାରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଥିଲା। ମାତ୍ର ସେମାନଙ୍କ ଏହି ଖୁସି ୧୫ଦିନ ନ ପୁରୁଣୁ ମିଳେଇଯାଇଥିଲା। ଲଗାଯାଇଥିବା ମୋଟରଟି ଅଚଳ ହୋଇପଡିଥିଲା। ଫଳରେ ଏବେ ଏହି ଗୋଷ୍ଠୀ ଶୌଚାଳୟରେ ଦୀର୍ଘଦିନ ହେଲା ତାଲା ପଡିଛି। ମୋଟର ସଜାଡ଼ି ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏନେଇ ପୋଟ୍ରେଲ ସରପଞ୍ଚ ଦାଇମତି ପଡ଼ିଆମିଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ସେ ଗ୍ରାମପଞ୍ଚାୟତ ଅଧିକାରୀଙ୍କୁ ଜଣାଇଛନ୍ତି। ସେ କାମ ଠିକାଦାର ବୁଝିବେ ବୋଲି କହି ନୀରବ ରହିଛନ୍ତି। ଗ୍ରାମପଞ୍ଚାୟତ ଅଧିକାରୀଙ୍କୁ ପଚାରିବା ଲାଗି ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଗୋଷ୍ଠୀ ଶୌଚାଳୟକୁ ଜଳଯୋଗାଣ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସୁଗଡ଼ ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଲେ, ସେଠାକାର ସମସ୍ତ ଦାୟିତ୍ୱ ପାଣି ପଞ୍ଚାୟତ କମିଟିକୁ ହସ୍ତାନ୍ତର କରାଯାଇଛି। ସେ କାମ କମିଟି କରିବ। ତେବେ ପାଣି ପଞ୍ଚାୟତ କମିଟି ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ଜଳ ଯୋଗାଣ ଦାୟିତ୍ୱ ଆମକୁ ମିଳିଛି ସତ, ହେଲେ ଗୋଷ୍ଠୀ ଶୌଚାଳୟ ଦାୟିତ୍ୱ ଆମର ନୁହେଁ ବୋଲି କହିଥିଲେ।

# ୨୭୮ ପାଇଲେ ଚିକିତ୍ସା ସୁବିଧା




ଜଣେ ଭିନ୍ନକ୍ଷମଙ୍କୁ ବ୍ଲକ ଅଧକ୍ଷା ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

**ଦଶମନ୍ତପୁର,୪।୫ ( ଡ଼ି.ଏନ.ଏ.)**

**ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନି, ଉପାଧ୍ୟକ୍ଷ ଅରୁଣ କୁମାର ଚେଟ୍ଟି, ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋୟୀ, ଏମ୍‌ପି ପ୍ରତିନିଧି ରୂପକ ତୁରୁକ, ଜୋନ-୧ ଜିଲା ପରିଷଦ ସଭ୍ୟା ଲଳିତା ଜାନି ଜୋନ-୨ ଜିଲା ପରିଷଦ ସଭ୍ୟ ଧନପତି ସାଉନ୍ତା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଯୋଗଦେଇଥିଲେ। । ସମୁଦାୟ ୨୭୮ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରେ ଦୃଷ୍ଟିବାଧିତ ୬୨ ଜଣ, ମୁକ ଓ ବଧିର ୬୪ , ଅସ୍ଥିଶଲ୍ୟ ୧୨୪, ମାନସିକ ରୋଗୀ ୨୩ ଏବଂ ଅନ୍ୟାନ୍ୟ ବର୍ଗର ୫ ଜଣ ଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ଡାକ୍ତରମାନେ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ସୁପାରିଶ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ବିଜୟ ରାଜ ମାଝିଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା । ଶିବିରରେ ବ୍ଲକ ଅଧକ୍ଷା ଭିନ୍ନକ୍ଷମମାନଙ୍କ ମଧ୍ୟରୁ ୪ଜଣଙ୍କୁ ୪ଟି ହ୍ୱିଲ ଚେୟାର, ଜଣଙ୍କୁ ଗୋଟିଏ ବେଟେରି ଚାଳିତ ତିନି ଚକିଆ ସାଇକେଲ, ଆଶା ବାଡି ପ୍ରଦାନ କରିଥିଲେ ।

# ପାଣି ମୁନ୍ଦେ ପାଇବାକୁ ୪ଶହ ଲୋକ କଲବଲ

**ବସୁଧା ଯୋଜନା ଫେଲ୍**

**ମାଲକାନଗିରି,୪।୫(ଡି.ଏନ୍.ଏ.)**



ପାଣି ନେବାକୁ ନଳକୂପ ସମ୍ମୁଖରେ ଲାଇନରେ ଅପେକ୍ଷା କରିଥିବା ମହିଳା।

ରାଜ୍ୟ ସରକାର ପ୍ରତି ଗ୍ରାମରେ ପାନୀୟ ଜଳ ଯୋଗାଇଦେବା ପାଇଁ ବସୁଧା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଏହାକୁ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ଯୋଗୁ ଯୋଜନା କେବଳ ସରକାରୀ କାଗଜପତ୍ରରେ ସୀମିତ ରହିଯାଉଛି। ଲୋକେ ପାନୀୟ ଜଳ ମୁନ୍ଦେ ପାଇବାକୁ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ମାଲକାନଗିରି ଜିଲା ସଦର ମହକୁମାଠାରୁ ୧୫ କି.ମି. ଦୂରରେ ଥିବା ସିନ୍ଧ୍ରିମାଳ ଗ୍ରାମରେ ଏପରି ଦେଖିବାକୁ ମିଳିଛି। ସିନ୍ଧ୍ରିମାଳ ଗ୍ରାମରେ ୪ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ୩ଟି ନଳକୂପ ରହିଛି। ଏଥିରୁ ଗୋଟିଏ ଭାଙ୍ଗିରୁଜି ପଡ଼ିଛି। ଆଉ ଗୋଟିଏରୁ କଳଙ୍କି ମିଶା ପାଣି ବାହାରୁଛି । ଗୋଟିଏ ନଳକୂପ ଭଲ ଅଛି। ନଳକୂପ ପାଖରେ ଘଣ୍ଟା ଘଣ୍ଟା ଧରି ଗ୍ରାମବାସୀ ଛିଡ଼ା ହୋଇ ପାଣି ସଂଗ୍ରହ କରୁଛନ୍ତି। ଗ୍ରାମରେ ଥିବା ପାଣିଟାଙ୍କି ମଧ୍ୟ ୩ ମାସ ହେଲା ଖରାପ ହୋଇପଡ଼ିଛି। ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ, ପିଇଓ ଏବଂ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ମାଲକାନଗିରି ଆର୍‌ଡବ୍ଲ୍ୟୁଏସ୍ଏସ୍ ଏସ୍‌ଡିଓଙ୍କୁ ପଚାରିବାରୁ ସିନ୍ଧ୍ରିମାଳ ଗ୍ରାମର ପାଣି ସମସ୍ୟା ଦୂରକରିବେ ବୋଲି କହିଛନ୍ତି।

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଜୟପୁର, ୪।୫ (ନି.ପ୍ର.)**

ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଜୟପୁର ମହିଳା ଥାନାରେ ବୁଧବାର ଅଭିଯୋଗ ହୋଇଛି। ବୋରିଗୁମ୍ମା କଲେଜରେ ପଢୁଥିବା ଜୟପୁର ବ୍ଲକ କଙ୍ଗା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ଗତ ୨୬ ତାରିଖରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜିକରିଝିଅକୁକେହି ଅପହରଣ କରି ନେଇଥିବା ସୂଚନା ପାଇଥିଲେ। ପରେ ଏନେଇ ପରିବାର ଲୋକେ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୪୮/ ୨୨ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବୈପାରିଗୁଡ଼ା,୪।୫(ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଉଭୟ ବୈପାରିଗୁଡ଼ା ବ୍ଲକ ସହ କୁନ୍ଦୁରା ବ୍ଲକ ଦାୟିତ୍ୱରେ ଥିବାରୁ ୨ଟି ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ମୁଣ୍ଡାଗୁଡ଼ାଠାରେ ଆୟୋଜିତ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶିକ୍ଷକ ସଂଘ ସଭାପତି, ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧକ୍ଷ ପୂର୍ଣ୍ଣିମା ବାରିକ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସଚିନ ମଲିକ, କନକ ମଞ୍ଜରୀ ଭତ୍ରା, ଜିଲା ଏକ୍ସ- କ୍ୟାଡର ସଂଘ ସଭାପତି ସନାତନ ବିଶୋୟୀ, ଉପଦେଷ୍ଟା ଶରତ ଚନ୍ଦ୍ର ରାଉତ, ମୁନା ମହାପାତ୍ର, ପି. ରମେଶ ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ଗୋଷ୍ଠୀ ଶିକ୍ଷାଧିକାରୀ ରଥଙ୍କ କାର୍ଯ୍ୟଦକ୍ଷତା, ବନ୍ଧୁବତ୍ସଳତା ସମ୍ପର୍କରେ ମତ ରଖିଥିଲେ। ବ୍ଲକ ସଭାପତି ଚିତାରାମ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଉପସ୍ଥାନ ଯାଞ୍ଚ ନେଇ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ ଦାବି

**ସେମିଳିଗୁଡା,୪।୫(ସ୍ୱପ୍ର)**

କୋରାପୁଟ ଜିଲା ସେମିଳିଗୁଡା ନିକଟସ୍ଥ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ଅବହେଳା କରୁଥିବା ଅଭିଯୋଗ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ସମୟରେ କେତେକ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଏହାର ତଦାରଖ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା। ବର୍ତ୍ତମାନ ପ୍ରାୟ ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହା ବ୍ୟବହାର ହେଉଥିଲେ ମଧ୍ୟ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ ଲାଗି ଆଉ ବାୟୋମେଟ୍ରିକ ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ। ଫଳରେ କେତେ ଜଣ ଡାକ୍ତର ଓ କର୍ମଚାରୀ ସପ୍ତାହରେ ୨/୩ ଦିନ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ୭ ଜଣ ଡାକ୍ତର କାର୍ଯ୍ୟ କରୁଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଯେଉଁ ଡାକ୍ତରମାନେ କର୍ତ୍ତବ୍ୟରେ ଖିଲାପ କରୁଛନ୍ତି ସେମାନେ ମଧ୍ୟ ଅନ୍ୟ ଡାକ୍ତରଙ୍କ ପରି କେବିକେ ଭତ୍ତା ପାଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟାକୁ ଗୁରୁତର ସହ ନେଇ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅରୁଣ ପାଢୀଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୪ ଗିରଫ

**ମାଲକାନଗିରି,୪।୫(ଡି.ଏନ.ଏ.)**

ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ୪ କୁଇଣ୍ଟାଲ ୨୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବନଦଲାମ ମଙ୍ଗୁ(୨୩),ବନ୍ଦଲା ସୋନୁ(୨୪), ମୁଡା ସୁରେଶ(୨୩) ଓ ତିଳକ ତେଜ୍। ସମସ୍ତଙ୍କ ଘର



ବିଶାଖାପାଟଣା ଜିଲା ସିଲେରୁ ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ଖବରରୁ ଜଣାପଡ଼ିଛି ମଙ୍ଗଳବାର ରାତିରେ ରେଖାପାଲିଠାରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୪ ଜଣ ଯୁବକ କିଛି ସାମଗ୍ରୀ ଜଗି ରହିଥିବା ଦେଖିବାକୁ ପାଇଥିଲା। ଏନେଇ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ଗଞ୍ଜେଇ ଚୋରା ଚାଲାଣ କରିବାକୁ ସେମାନେ ଯୋଜନା କରିଥିବା ଜାଣି ସେଠାରେ ଯୁବକମାନେ ଜଗି ରହିଥିବା ବସ୍ତାଗୁଡିକ ଯାଞ୍ଚ କରିଥିଲା। ୧୭ଟି ବସ୍ତାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ସମେତ ୨ଟି ବାଇକ୍ ଜବତକରି ପୋଲିସ ସେମାନଙ୍କୁ ଗିରଫକରି ଥାନାକୁ ଆଣିଥିଲା। ଏହି ଗଞ୍ଜେଇ ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରୁ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିଲା।

# କେନାଲକୁ ୨୦ ପର୍ଯ୍ୟନ୍ତ ଜଳ ଯୋଗାଣ

**ଜୟପୁର, ୪।୫ (ନି.ପ୍ର. )**

**ଅପର କୋଲାବ ପ୍ରକଳ୍ପ ପାଣି ପଞ୍ଚାୟତ ସର୍ବୋଚ୍ଚ କମିଟି ବୈଠକ**

ଅପର କୋଲାବ ପ୍ରକଳ୍ପ ପାଣି ପଞ୍ଚାୟତର ସର୍ବୋଚ୍ଚ କମିଟିର ଏକ ବୈଠକ ବୁଧବାର ବୋରିଗୁମ୍ମା କାର୍ଯ୍ୟାଳୟ ପରିସରରେଅନୁଷ୍ଠିତ ହୋଇଛି। ମୁଖ୍ୟଯନ୍ତ୍ରୀ ଶତ୍ରୁଘନ ମହାରଣା ସଭାପତିତ୍ୱ କରିଥିଲେ। ଚଳିତ ରବି ଋତୁରେ କେନାଲରେ ଜଳ ଚଳିତ ମାସ ୧୦ ତାରିଖ ପରିବର୍ତ୍ତେ ୨୦ ତାରିଖ ପର୍ଯ୍ୟନ୍ତ ଯୋଗାଣ ପାଇଁ ନିଷ୍ପତ୍ତି ହୋଇଥିଲା। ପାଣି ପଞ୍ଚାୟତ ମାଧ୍ୟମରେ ଏମ୍ଏନଆରଇଜିଏସ୍ ସହ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ କମିଟିର ସଭାପତି ବାଳକୃଷ୍ଣ ବିଶୋୟୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ବିଶୋୟୀ, ସଦାଶିବ ତ୍ରିପାଠୀ, ତପନ ପାଣିଗ୍ରାହୀ, କରଣାଳ କମିଟିର ସମ୍ପାଦକ ରମେଶ ବିଶୋୟୀ, ସଭାପତି ରମାକାନ୍ତ ବିଶୋୟୀ ପ୍ରମୁଖ ବୈଠକରେ ଦାବି କରିଥିଲେ। ପଞ୍ଚାୟତ ସମିତି ମାଧ୍ୟମରେ ବିନା ଅନୁମୋଦନରେ ଆଉଟଲେଟ କରାଯାଇ କ୍ଷେତ୍ର ନାଳୀ ନିର୍ମାଣ କରାଯାଉଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବା ଲାଗି ବିଡିଓମାନଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ଖରିଫ ଚାଷ ଲାଗି ଆଗାମୀ ଶୀର୍ଷ କମିଟି ବୈଠକ ଜୁନ ୨୨ରେ ବସିବାକୁ ସ୍ଥିର କରାଯାଇଥିଲା। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅନିଲ ପାଣିଗ୍ରାହୀ ପରିଚାଳନା କରିଥିଲେ। ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ପୀତବାସ ସେଠୀ, ସରୋଜ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ସହକରୀ ଯନ୍ତ୍ରୀ ଅରୁଣ କୁମାର ଗିରି, ଧନ୍ୟବାଦ ଦେଇଥିଲେ।

DADLS - 21
Azadi Ka Amrit Mahotsav
ଓଡ଼ିଶା ସରକାର



**ମହାନ ବିପ୍ଳବୀ**
**ଧରଣୀଧର ନାଏକ (ଭୂୟାଁ)ଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**
**୫ ମଇ, ୨୦୨୨**

ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରର ଇ.ଏସ୍.ଆଇ ହସ୍‌ପିଟାଲ୍ ରାସ୍ତା ଛକସ୍ଥିତ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ସଭାପତି : -ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି : -ଶ୍ରୀଯୁକ୍ତ ପ୍ରେମାନନ୍ଦ ନାୟକ, ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
ସମ୍ମାନିତ ଅତିଥି : - ଶ୍ରୀଯୁକ୍ତ ବଦ୍ରି ନାରାୟଣ ପାତ୍ର, ମାନ୍ୟବର ବିଧାୟକ
-ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା, ଓଡ଼ିଶା ସରକାର(ଗଣମାଧ୍ୟମ ଓ ଲୋକସମ୍ପର୍କ)
-ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ
-ଡଃ ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : -ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶ, ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ

'ଆଦୃତା', ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ 'କେନ୍ଦୁଝର ସଂଘ ଓ କେନ୍ଦୁଝର ବିକାଶ ପରିଷଦ'ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

କେନ୍ଦୁଝର ଜିଲ୍ଲା ଭୂୟାଁ ସମ୍ପ୍ରଦାୟର ଜନଜାତି ନେତା ଧରଣୀଧର ଭୂୟାଁ । ତତ୍କାଳୀନ ରାଜା ଓ ରାଜ କର୍ମଚାରୀମାନଙ୍କର ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ପ୍ରଜାମାନଙ୍କର ବେଠି ଖଟିବାକୁ ତୀବ୍ର ବିରୋଧ କରି ବିଦ୍ରୋହର ସୂତ୍ରପାତ କରିଥିଲେ ଧରଣୀଧର । ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୁଦ୍ଧରେ ବିପ୍ଳବୀ ଧରଣୀଧରଙ୍କର ଦୁଃସାହସିକ ସଂଗ୍ରାମ ଓଡ଼ିଶା ଇତିହାସରେ ଅନନ୍ୟ । ଜନମାନସର ନେତା ଧରଣୀଧରଙ୍କର ଜାତିପ୍ରୀତି, ସାହସିକତା, ନିର୍ଭୀକତା, ଉଦାମତା ଓ ଆଦର୍ଶ ଆମକୁ ଚିର ଅନୁପ୍ରାଣିତ କରୁଥିବ ।

OIPR-15001/13/0038/2223

## ସଂକ୍ଷେପରେ

### କାଠ ବୋଝେଇ ଟ୍ରକ୍ ଓଲଟି ଗାଈ ମୃତ



ଟିକିରି,୪।୫(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାରିଭଟା ନିକଟ ବୁଲାଣିରେ ବୁଧବାର ନୀଳଗିରି କାଠ ବୋଝେଇ ଟ୍ରକ୍ ଓଲଟି ଚାଳକ ଆହତ ହୋଇଥିବାବେଳେ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ଦିନ ପ୍ରାୟ ୧୨ଟାବେଳେ କାଶୀପୁର ଅଞ୍ଚଳରୁ ଏକ ଟ୍ରକ୍ କାଠ ନେଇ ଟିକିରି ଅଭିମୁଖେ ଯାଉଥିଲା। କୌଣସି କାରଣରୁ ଗାଡ଼ି ମାରିଭଟା ନିକଟ ପୋଲ ପାଖରେ ଓଲଟି ପଡ଼ିଥିଲା। ଏହି ସମୟରେ ନିକଟରେ ଚରୁଥିବା ଗାଈକୁ ଗାଡ଼ି ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଗାଈର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଚାଳକଙ୍କୁ ଉଦ୍ଧାର କରି କଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି।

### ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ

ନବରଙ୍ଗପୁର,୪।୫(ବି.ପ୍ର.): ନବରଙ୍ଗପୁରସ୍ଥିତ ସ୍ଥାନୀୟ ବୈଭବ କଲ୍ୟାଣ ମଣ୍ଡପରେ ଜିଲା ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୁପ୍ତପ୍ରସାଦ ଷଡ଼ଙ୍ଗୀ ଓ ସରୋଜ ତ୍ରିପାଠୀ ବେଦମନ୍ତ୍ର ପାଠ କରିଥିଲେ। ଡ. ବିଜୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନନ୍ଦାହାଣ୍ଡିର ଶରତ ଦାଶ,ତେନ୍ତୁଳିଖୁଣ୍ଟର ବିଷ୍ଣୁ ଦାଶ, ନବରଙ୍ଗପୁରର ପଞ୍ଚାନନ ତ୍ରିପାଠୀ, ପାପଡ଼ାହାଣ୍ଡିର ନୀଳକଣ୍ଠ ତ୍ରିପାଠୀ, ଡାବୁଗାଁର ଧୀରେନ୍ଦ୍ର ତ୍ରିପାଠୀ, କୋଷାଗୁମୁଡ଼ାର କୁଞ୍ଜବିହାରୀ ଦାଶ, ଉମରକୋଟ୍‌ର ସତ୍ୟ ନାରାୟଣ ମିଶ୍ର, ରାଇଘରର ସନତ ପ୍ରହରାଜ ଏବଂ ଚନ୍ଦାହାଣ୍ଡିର ଦୃତୀବାହନ ଖମାରୀ ବ୍ଲକ ସମାଜର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଝାଡ଼େଶ୍ୱର ଖାଡ଼ଙ୍ଗା ଓ ଶଶାଙ୍କ ତ୍ରିପାଠୀ, ବ୍ରାହ୍ମଣ ସମାଜ ମହିଳା ସଭାନେତ୍ରୀ ସାବିତ୍ରୀ ରଥ, ସମ୍ପାଦିକା ରେଣୁକା ଆଚାର୍ଯ୍ୟ ପଣ୍ଡିତ କୈଳାସ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ୧୦ଜଣ ବ୍ରାହ୍ମଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ନବରଙ୍ଗପୁରର ବନିତା ଦାସମହାପାତ୍ର, ଶକ୍ତି ମହାପାତ୍ର, ପାପଡ଼ାହାଣ୍ଡିର ପ୍ରକାଶ ମିଶ୍ର, ଉମରକୋଟର ଅପ୍ରୀତ ପାଣିଗ୍ରାହୀ, ତେନ୍ତୁଳିଖୁଣ୍ଟିର କୃଷ୍ଣ ଦାଶ, କୋଷାଗୁମୁଡ଼ାର କୁଞ୍ଜବିହାରୀ ଦାଶ, ଡାବୁଗାଁର କାଶୀନାଥ ତ୍ରିପାଠୀ, ନନ୍ଦାହାଣ୍ଡିର ଅନଙ୍ଗ ରଥ, ଚନ୍ଦାହାଣ୍ଡିର କିଶୋର ଖମାରିଙ୍କୁ ସମ୍ମାନିତ କରାଯାଇଛି। ନବରଙ୍ଗପୁର ପୌରପାଳିକା ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ଓ କାଉନସିଲର ରଞ୍ଜିତା ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଗଣେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

ଜୟପୁର,୪।୫ (ନି.ପ୍ର.): ଜୟପୁର ବ୍ଲକ ସଭା ଗୃହରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କୁ ସରକାରଙ୍କ ବିଭିନ୍ନ ଆର୍ଥିକ ସାକ୍ଷରତା ନେଇ ଅବଗତ କରାଇବାକୁ ଏହି କାର୍ଯ୍ୟକ୍ରମ ହୋଇଥିଲା। କ୍ଷୁଦ୍ର ଜମା ଯୋଜନା ଯେପରି ପିଓ ଆରଡି, ଏସ୍‌ଏସ୍‌ୱାଇ, ଏସ୍‌ସିଏସ୍‌ଏସ୍, ପିପିଏଫ୍, ଓଡିଶା କ୍ଷୁଦ୍ରଜମା, ସମାଜାକି ସୁରକ୍ଷା ଜମା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା।

# ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଉଛି ୧୦ ମୋବାଇଲ ହେଲ୍‌ଥ ୟୁନିଟ୍

ନବରଙ୍ଗପୁର,୪।୫(ବି.ପ୍ର.)

## ଜିଲା ପରିଷଦ ବୈଠକ

ନବରଙ୍ଗପୁର ୬ଷ୍ଠତମ ଜିଲା ପରିଷଦ ବୈଠକ ସ୍ଥାନୀୟ ରାଜୀବ ଭବନରେ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ କମଳ ଲୋଚମନ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ବଦ୍ରିନାରାୟଣ ସିଂ, ଜିଲାପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଏପିଡି ଦେବୀ ପ୍ରସାଦ ଟାଲି ମଞ୍ଚାସୀନ ଥିଲେ। ଜିଲାପରିଷଦ ବୈଠକରେ ୨୫ଟି ବିଭାଗ ଉପରେ ଆଲୋଚନା ହୋଇଥିଲା।

ଜିଲାରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ଅଭାବ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ୧୦ଟି ମୋବାଇଲ ହେଲ୍‌ଥ ୟୁନିଟ କାର୍ଯ୍ୟ କରୁଛି। ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୫ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର, ୩ଟି ଗୋଷ୍ଠୀ ଯୋଜନା ସ୍ୱାସ୍ଥ୍ୟକେନ୍ଦ୍ର ଅନୁମୋଦନ ହୋଇଥିବା ସିଡିଏମ୍‌ଓ କାଳୀ ପ୍ରସାଦ ବେହେରା ସୂଚନା ଦେଇଛନ୍ତି। ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗ ପକ୍ଷରୁ ୩୨୬୯ ଗାଁରେ ୧୭୩୯୬ ନଳକୂପ, ୨୦୫ ସ୍ୱଚ୍ଛକୂପ ଓ ୩୭୭ ପାଇପଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରୁଛି ବୋଲି ସୂଚନା ଦିଆଯାଇଛି। ଡାବୁଗାଁର ୧୨, କୋଷାଗୁମୁଡାରେ ୧୧ଟି ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁନାହିଁ। ପାଇପ ବିଛାଇବା ପାଇଁ ଖୋଳାଯାଉଥିବା ଗାତ ଠିକ୍ ଭାବେ ପୋତାଯାଉ ନାହିଁ ବୋଲି ଡାବୁଗାଁ ବିଧାୟକ ଅଭିଯୋଗ କରିଥିଲେ। ଜିଲାରେ ୨୦୫ ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ମାତ୍ର ୩୩ ପ୍ରକଳ୍ପ କାର୍ଯ୍ୟ ସରିଛି। ଅନ୍ୟଗୁଡିକୁ ତୁରନ୍ତ ଶେଷ କରିବାକୁ ଦାବି ହୋଇଛି। ଝରିଗାଁ ଓ ରାଇଘରରେ ପାଇଖାନା ଦୁର୍ନୀତି ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ ଅଭିଯୋଗ କରିଛନ୍ତି। ଜିଲାର ସମସ୍ତ ବ୍ଲକରେ ସ୍ୱଚ୍ଛଭାରତ




ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

ମିଶନରେ ବ୍ୟକ୍ତିଗତ ପାଇଖାନା ତିଆରିରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଦାବି କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାଇ ଜିଲାରେ ୩,୧୩,୮୩୯ ପରିବାରର ୧୧,୦୬,୫୮୪ ସଦସ୍ୟଙ୍କୁ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାରେ ୨୪୦୩ ପରିବାରର ୬୬୮୨ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରାଯାଇ ରାସନକାର୍ଡ ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଛି। ଯେଉଁ ହିତାଧିକାରୀମାନେ ଚାଉଳ ନିୟମିତଭାବେ ନେଇ ପାରୁନାହାନ୍ତି ସେମାନଙ୍କ ଚାଉଳ ଆଗାମୀ ମାସରେ ଦିଆଯାଉ ନାହିଁ ବୋଲି ସଭ୍ୟମାନେ ଅଭିଯୋଗ କରିଥିଲେ।

ଜିଲାରେ ୨୦୪ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ, ୧୨ ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ପାଇଁ ନୂତନ କୋଠାର ଆବଶ୍ୟକତା ରହିଛି। ୨୪ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀଗୃହ ରହିଛି। ଅତିରିକ୍ତ ଶ୍ରେଣୀ ଗୃହ ଅବଶ୍ୟକତା ଥିବା ଡିଇଓ ପ୍ରଦୀପ ନାଗ ସୂଚନା ଦେଇଛନ୍ତି। ମଧ୍ୟାହ୍ନ ଭୋଜନ ଚାଉଳ ବସ୍ତାରେ ୭ରୁ ୧୦ କିଲୋ ଚାଉଳ କମ୍ ରହୁଥିବାରୁ ବିତରକ ଏଜେନ୍ସି ଉପରେ ସଭ୍ୟାସଭ୍ୟମାନେ ବିରକ୍ତି ପ୍ରକଶ କରିଥିଲେ। ଅର୍ଥ କାରବାର କରାଯାଇ ଶିକ୍ଷକ ବଦଳି ହେଉଥିବା ନେଇ ବିଧାୟକ ରନ୍ଧାରୀ ଅଭିଯୋଗ କରିଥିଲେ। ପଦୋନ୍ନତି ପାଇଁ ଜଣେ ଶିକ୍ଷକ ଶହେ ଜଣ ଶିକ୍ଷକଙ୍କଠାରୁ ୧ହଜାର ଟଙ୍କା ଲେଖାଏ ନେଇଥିବା ଉପାଧ୍ୟକ୍ଷା ବାରୋଇ ଅଭିଯୋଗ କରିଛନ୍ତି। ସେ ଏହାର ତଦନ୍ତ ଦାବି କରିଛନ୍ତି। ସିଟ୍ ସଂଖ୍ୟା କମ୍ ଥିବା ଆଳ ଦେଖାଇ ମଙ୍ଗଳ ବିଭାଗ ଓ ଶିକ୍ଷା ବିଭାଗ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଦାଖଲା କରୁ ନାହାନ୍ତି। ବିଧାୟକ କିମ୍ବା ଏମପିଙ୍କ ସୁପାରିସ ପରେ ଜଏନ କରାଯାଉଛି ବୋଲି ବିଧାୟକ ରନ୍ଧାରୀ କହିଥିଲେ। ବାରମ୍ବାର ବିଦ୍ୟୁତ୍‌କାଟ ହେଉଛି। ଟ୍ରାନ୍ସଫର୍ମର ପୋଡି ହେଲେ ଖାଉଟିଙ୍କଠାରୁ ଟଙ୍କା ଆଦାୟ କରାଯାଉଛି। ଯାହାର ରସିଦ ପ୍ରଦାନ କରାଯାଉ ନାହିଁ ବୋଲି ବିଧାୟକ ରନ୍ଧାରୀ କହିଥିଲେ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ବୈଠକରେ ଜିଲା ପରିଷଦ ସଭ୍ୟା ଲିପିକା ମାଝି, ସଭ୍ୟ ଦିବ୍ୟଦାନ ସୁନା, ଅନ୍ୟ ସଭ୍ୟାସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାଲକାନଗିରିରେ ନୂଆ ଆଇଟିଡିଏ ପିଏ



ମାଲକାନଗିରି,୪।୫(ଡି .ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଭାବେ ତ୍ରିନାଥ ମାଝି ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ପଦୋନ୍ନତି ପାଇ ମାଲକାନଗିରି ପିଏ ଆଇଟିଡିଏ ରୂପେ ଯୋଗ ଦେଇଛନ୍ତି। ସେ ମଧ୍ୟ ୨୦୧୨ରୁ ୨୦୧୪ ପର୍ଯ୍ୟନ୍ତ ମାଲକାନଗିରି ଜିଲାର ପଡ଼ିଆ ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ପରେ ସେ ଜୟପୁର, ଗୁଡ଼ାରି, ସେମିଳିଗୁଡ଼ା ବ୍ଲକରେ ବିଡିଓ ରୂପେ କାର୍ଯ୍ୟ କରିଥିଲେ।

# ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ରାୟଗଡ଼ା ଚାମ୍ପିୟନ

ରାୟଗଡ଼ା ଅଫିସ,୪।୫

ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ଚାମ୍ପିୟନ ହୋଇଛି। ୨୦୧୦ ରୁ ସର୍ଗିଫୁଲ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ରାୟଗଡ଼ା ଜିଲା ପ୍ରଥମ ଥର ୨୦୨୧-୨୨ ବର୍ଷ ପାଇଁ ଚାମ୍ପିୟନ ହୋଇ ରେକର୍ଡ କରିଛି। ପୂର୍ବରୁ ଜିଲାର ଛାତ୍ରୀଛାତ୍ର କୌଣସି ଗୋଟିଏ ବିଷୟରେ କୃତିତ୍ୱ ହାସଲ କରୁଥିଲେ। ଚଳିତ ଥର ପ୍ରତ୍ୟେକ କ୍ଷେତ୍ରରେ ପିଲାମାନେ କୃତିତ୍ୱ ହାସଲ କରିଥିବାରୁ ଜିଲାକୁ ଚାମ୍ପିୟନ ଘୋଷଣା କରାଯିବା ସହ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ଆଦିବାସୀ ମେଳାର ଉଦ୍‌ଯାପନି ଉତ୍ସବରେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଅତିଥିଭାବେ ଯୋଗଦେଇ ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପିଲାଙ୍କ ଉନ୍ନତି ଦିଗରେ ଏହି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ସର୍ଗିଫୁଲ ପ୍ରତିଯୋଗିତାରେ ଜିଲାର ପ୍ରତିଯୋଗୀମାନେ ସ୍କୁଲରୁ ବ୍ଲକ ଏବଂ




ଶିକ୍ଷକମାନେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

- ମିଳିଲା ୧ ଲକ୍ଷ ଟଙ୍କା ପୁରସ୍କାର
- ସମସ୍ତ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଉତ୍ତମ ପ୍ରଦର୍ଶନ

ବ୍ଲକରୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ଯାଇଥିଲେ। ସମସ୍ତଙ୍କ କାର୍ଯ୍ୟକ୍ରମକୁ ଭିଡିଓ ରେକର୍ଡ କରାଯାଇ ରାଜ୍ୟକୁ ପଠାଯାଇଥିଲା। ପିଲାଙ୍କ ଉତ୍ତମ ପ୍ରଦର୍ଶନ ପାଇଁ ଜିଲାକୁ ଏହି ପୁରସ୍କାର ମିଳିଛି। ଏହି କୃତୀତ୍ୱକୁ ପାଇଁ ବୁଧବାର ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ଓ କର୍ମଚାରୀମାନେ ଜିଲା ମଙ୍ଗଳ ଅଧିକାରୀଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ସମ୍ପାଦକ ଶ୍ରୀନିବାସ ରାଓ, ଉପ ସଭାପତି ପ୍ରଦୀପ ଚୌଧୁରୀଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଆଦିବାସୀ ମେଳାରେ ମା' ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ

କୁଡୁମୁଲୁଗୁମ୍ମା, ୪।୫(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡିଆରେ ଶେଷ ହୋଇଥିବା ଆଦିବାସୀ ମେଳାରେ କୁଡୁମୁଲୁଗୁମ୍ମା ଦିଦାୟୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ପୁରଣାଗୁମ୍ମାର ମା' ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଆଦିବାସୀଙ୍କ ପାରମ୍ପରିକ ହସ୍ତକଳା, ସେମାନଙ୍କ ଖାଦ୍ୟ ଓ ଚଳଣି ସାମଗ୍ରୀଗୁଡିକ ଷ୍ଟଲରେ ପ୍ରଦର୍ଶନ କରିଥିଲା। ଏହାର ଆଦୃତିକୁ ବିଚାରକୁ ନେଇ ରାଜ୍ୟ ଆଦିବାସୀ ହରିଜନ ଉନ୍ନୟନ ବିଭାଗ ଓ ମିଶନ ଶକ୍ତି ବିଭାଗ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ରାଜ୍ୟ ସ୍ତରରେ ତୃତୀୟ ମାନ୍ୟତା ପ୍ରଦାନ କରି ପୁରସ୍କୃତ କରାଯାଇଥିବା ଜଣାପଡିଛି। ଏନେଇ ଦିଦାୟୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଆଶିଷ କୁମାର ଭୋଇ କହନ୍ତି, କୁଡୁମୁଲୁଗୁମ୍ମା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଦିଦାୟୀ ମା'ମାନେ ରାଜ୍ୟସ୍ତରର ପ୍ରଦର୍ଶନୀରେ ପୁରସ୍କୃତ ହେବା ଗର୍ବର ବିଷୟ। ଏହା ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ପ୍ରେରଣାଦାୟକ ହେବ ।

## ଉତ୍କଳ ହସ୍ପିଟାଲରେ ସିଟି ସ୍କାନ୍, ମାଇକ୍ରୋ ବାୟୋଲୋଜି ୟୁନିଟ ଉଦ୍‌ଘାଟିତ



ଉତ୍କଳ ଆଲୁମିନା ୟୁନିଟ ମୁଖ୍ୟ ଏବଂ ଅଧିକାରୀମାନଙ୍କ ଉପସ୍ଥିତିରେ ଜଣେ ରୋଗୀଙ୍କ ସିଟି ସ୍କାନ କରାଯାଉଛି।

ଟିକିରି,୪।୫(ଡି.ଏନ୍.ଏ.)

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ ପକ୍ଷରୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସ୍ଥିତ ଉତ୍କଳ ହସ୍ପିଟାଲରେ ସିଟି ସ୍କାନ୍ ଏବଂ ମାଇକ୍ରୋ ବାୟୋଲୋଜି ୟୁନିଟ ଉଦ୍‌ଘାଟିତ ହୋଇଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ କମ୍ପାନୀ ପକ୍ଷରୁ ଏଭଳି ସୁବିଧା ଉପଲବ୍ଧ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ରାୟଗଡ଼ା, କଳାହାଣ୍ଡି ଏବଂ ଗଜପତି ଜିଲାର ରୋଗୀ ଉପକୃତ ହୋଇପାରିବେ।

ପୂର୍ବରୁ ଉକ୍ତ ୩ ଜିଲାର ରୋଗୀ ଏହି ସୁବିଧା ପାଇଁ ବିଶାଖାପଟଣା ଯାଉଥିଲେ। ଏଠାରେ ସିଟି ସ୍କାନ୍ ମେଶିନ ସ୍ଥାପନ ଦ୍ୱାରା ଶୀଘ୍ର ଜଟିଳ ରୋଗର ଚିହ୍ନଟ ଏବଂ ଚିକିତ୍ସା ସମ୍ଭବ ହୋଇପାରିବ। ସେହିପରି ସଂଗୃହୀତ ନମୁନାର କଲ୍‌ଚର ଭୁବନେଶ୍ୱର କିମ୍ବା ବିଶାଖାପାଟଣା ପଠାଯାଉଥିଲା। ଏବେ ତାହା ଉତ୍କଳ ହସ୍ପିଟାଲରେ ହୋଇପାରିବ। ଏହି ସେବା ସର୍ବନିମ୍ନ ମୂଲ୍ୟରେ ଉପଲବ୍ଧ ହେବ। ବିପିଏଲ୍ ଏବଂ ଏପିଏଲ୍ ବର୍ଗର ଲୋକଙ୍କୁ ମଗଣାରେ ସେବା ମିଳିବ। ଏଠାରେ ଜଣେ ଅଭିଜ୍ଞ ସିଟି ସ୍କାନ୍ ଟେକ୍ନିସିଆନ ଏବଂ ମାଇକ୍ରୋ ବାୟୋଲୋଜି ବିଶେଷଜ୍ଞ ରହିବେ। ଘଣ୍ଟାଏ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ ହେବ ଏବଂ ଜଟିଳ ପରିସ୍ଥିତିରେ ରୋଗୀଙ୍କ ଶୀଘ୍ର ଚିକିତ୍ସା ହୋଇପାରିବ। ଉତ୍କଳ ହସ୍ପିଟାଲ ପରିସରରେ ଏହି ସିଟି ସ୍କାନ୍ ଓ ମାଇକ୍ରୋ ବାୟୋଲୋଜି ୟୁନିଟକୁ ୟୁନିଟ ମୁଖ୍ୟ ମଜହର ବେଗ୍, ଉଜ୍ଜ୍ୱଳା ଉତ୍କଳ ଲେଡିଜ୍ କ୍ଲବର ସଭାପତି ହିନା ବେଗ୍ ଏବଂ ଉତ୍କଳ ଆଲୁମିନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। କମ୍ପାନୀ ସିଏସ୍‌ଆର୍ ଅଧୀନରେ ସର୍ବଦା ଗୋଷ୍ଠୀ କଲ୍ୟାଣ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଜଟିଳ ପରିସ୍ଥିତିରେ ରୋଗୀଙ୍କ ଜୀବନ ବଞ୍ଚାଇବାକୁ ଉଦ୍ୟମ ଜାରି ରଖିଥିବା କମ୍ପାନୀର ୟୁନିଟ ମୁଖ୍ୟ ମଜହର ବେଗ୍ କହିଛନ୍ତି।

# ଭାବ, ଶବ୍ଦର ଅପୂର୍ବ ସମନ୍ୱୟ ସାହିତ୍ୟକୁ କରେ ସର୍ଜନା ପରିପୁଷ୍ଟ

ରାୟଗଡ଼ା ଅଫିସ,୪।୫

ଭାବ ଓ ଶବ୍ଦର ସମନ୍ୱୟରେ ସାହିତ୍ୟ ପରିପୁଷ୍ଟ ହୋଇଥାଏ। କେବଳ ଭାଷା ବୁଝିଲେ କବିତା ଲେଖି ହୁଏନି। ଦିବ୍ୟ ପ୍ରେମ ପ୍ରାପ୍ତିରେ ହିଁ କବିତା ସର୍ଜନା କରିହୁଏ। ଏଥିପାଇଁ ନିରଳସ ସାଧନା ଲୋଡ଼ା ବୋଲି ଆଧାପିକା ରାଜଲକ୍ଷ୍ମୀ ଦେବୀଙ୍କ କବିତା ପୁସ୍ତକ 'କବିତା ଶତଦଳ' ଓ ଉପନ୍ୟାସ ପ୍ରଗଲ୍‌ଭ ପ୍ରଣୟିନୀକୁ ପାଠକାର୍ପଣ ଅବସରରେ ବିଶିଷ୍ଟ କବି ଫନି ମହାନ୍ତି ମତବ୍ୟକ୍ତ କରିଛନ୍ତି। ପ୍ରାଧାପକ ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, କବି ସରୋଜ ମହାପାତ୍ର, ଅପୂର୍ବା ପ୍ରକାଶନୀର ପ୍ରକାଶକ କ୍ଷୀରୋଦ ପତି,




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କବି ସୁଶାନ୍ତ କୁମାର ନାୟକ, ରାୟଗଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷା ବି. ରମଣୀ ରତ୍ନଶ୍ରୀ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ରାୟଗଡ଼ା ସହ ସମ୍ପର୍କକୁ ଆଲୋକପାତ କରିଥିଲେ। ଉପନ୍ୟାସ ପୁସ୍ତକ 'ପ୍ରଗଲ୍‌ଭ ପ୍ରଣୟିନୀ'କୁ ଗ୍ରନ୍ଥକାର ଦ୍ୱିତୀଚନ୍ଦ୍ର ସାହୁ ସମୀକ୍ଷା କରିଥିବାବେଳେ କବିତା ପୁସ୍ତକ 'କବିତା ଶତଦଳ'କୁ କବି ଆଶୁତୋଷ ପାତ୍ର ସମୀକ୍ଷା କରିଥିଲେ। ଆଧାତ୍ମିକ ଓ ସାମାଜିକ କାହାଣୀର ମିଶ୍ର ରାଗରେ ଉପନ୍ୟାସ ଗଢ଼ା ହୋଇଥିବାବେଳେ ଉଭୟ ଛନ୍ଦ ଓ ମୁକ୍ତ ଛନ୍ଦକୁ ନେଇ କବିତା ପୁସ୍ତକ ସମୃଦ୍ଧ ବୋଲି ଅତିଥିମାନେ ମତ ରଖିଥିଲେ। ଲେଖିକା ରାଜଲକ୍ଷ୍ମୀ ଦେବୀ ନିଜ ଲେଖକୀୟ ମତ ରଖି ପୁସ୍ତକ ରଚନା ସମୟର ଅନୁଭୂତି ସାଉଁଟିଥିଲେ। ବିଦିଶା ଶତପଥୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ନୀଳମଣି ପାଇଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସଙ୍ଗଠକ ବିନାୟକ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

ଦାମନଯୋଡି,୪।୫(ଡି.ଏନ.ଏ.)

ନାଲକୋ ଟାଉନଶିପ ସେକ୍ଟର-୧ ଯଜ୍ଞ ମଣ୍ଡପରେ ଆସନ୍ତା ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ପବିତ୍ର ଅକ୍ଷୟ ତୃତୀୟାରେ ଶୁଭଖୁଣ୍ଟି ସ୍ଥାପିତ ହୋଇଛି। ପୂଜକ ସୁଶାନ୍ତ ଦାଶ ପୂଜା କାର୍ଯ୍ୟ କରିଥିବାବେଳେ ଶୁକଦେବ ପଟ୍ଟାୟତ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ୧୧ ଅଙ୍କୁରାରୋପଣ, ୧୨ ତାରିଖ କଳଷ ଯାତ୍ରା, ଘଟ ସ୍ଥାପନ, ଘଟ ମଣ୍ଡଳ ପୂଜା, ଅଗ୍ନି ସଂସ୍କାର କର୍ମ ହେବ। ୧୩ ତାରିଖ ସୂର୍ଯ୍ୟ ପୂଜା, କାମଧେନୁ ପୂଜା ସହିତ ନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା ଓ ଗୀତା ଯଜ୍ଞ ହେବ। ୧୬ରେ ବିଭିନ୍ନ ପୂଜାନୀତି ସହିତ ଚଣ୍ଡୀ ଯଜ୍ଞ, ସର୍ବ ଦେବାଦେବୀଙ୍କ ଆହୂତି ସହିତ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। କମିଟି ପକ୍ଷରୁ ଅନାମ ଚରଣ ନାୟକ, ଶିଶିର ମିଶ୍ର, ଡ. ଅଶୋକ ମହାନ୍ତି, ପ୍ରକାଶ ସାହୁ, ବରଦା ଓଝା, ମିହିର ଜେନା, ପବିତ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍‌ଷ୍ଟାଣ୍ଡକୁ ସ୍ମାର୍ଟ ବସ୍‌ଷ୍ଟାଣ୍ଡ କରିବା ଦାବି

ଡାବୁଗାଁ, ୪।୫ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବସଷ୍ଟାଣ୍ଡଟି ବଜାରର ମୁଖ୍ୟ ସ୍ଥଳରେ ଥିବାରୁ ଯାତ୍ରୀଙ୍କ ଯାତାୟାତ ସୁବିଧା ହେଉଛି। ଏପରିକି ମହିଳାମାନେ ବସ୍‌ରେ ଯାତ୍ରା କରିବା ସମ୍ପୂର୍ଣ୍ଣ ନିରାପଦ ହେଉଛି। ଏପରି ସ୍ଥଳେ ବସ୍‌ଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ନ କରି ସେହି ବସ୍‌ଷ୍ଟାଣ୍ଡକୁ ସ୍ମାର୍ଟ ବସଷ୍ଟାଣ୍ଡରେ ପରିଣତ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ସେହି ସ୍ଥାନରେ ସ୍ମାର୍ଟ ବସଷ୍ଟାଣ୍ଡ ହେବା ନେଇ ଡାବୁଗାଁ ତହସିଲଦାରଙ୍କୁ ଡାବୁଗାଁ ପଞ୍ଚାୟତ ଓ ଡଙ୍ଗରିଗୁଡା ପଞ୍ଚାୟତର ୪ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବସଷ୍ଟାଣ୍ଡ ଯେଉଁଠି ଅଛି ସେଇଠି ନ ରହିଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ପ୍ରଶାସନ ତାର କାର୍ଯ୍ୟ କରିବ, ଏ ଦିଗରେ ଆପଣମାନଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ତହସିଲଦାର କହିଛନ୍ତି। ଏହି ସମୟରେ ଡାବୁଗାଁ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଡଙ୍ଗରିଗୁଡା ସରପଞ୍ଚ ରାମ କୁମାର ଗଣ୍ଡ, ଡାବୁଗାଁ କୃଷକ ମହାସଂଘ ସଭାପତି ସତ୍ୟ ରଞ୍ଜନ ପାତ୍ର, ରାଜେନ୍ଦ୍ର ମିଶ୍ର, ଟି. ଜୁଗୁନୁ ବାବୁ, ବିଶ୍ୱରଞ୍ଜନ ପାତ୍ର, ତରଣି ରେଲି, ମନୁ ରେଲି, ପ୍ରତାପ ନାୟକ, ରାଜୁ ରେଲି, ବିଶ୍ୱନାଥ ହରିଜନ, ମୁରଲୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଝରିଗାଁ ବିଧାୟକଙ୍କ ଗିରଫ ଦାବିରେ ଥାନା ଘେରାଉ

ଝରିଗାଁ/ଚନ୍ଦାହାଣ୍ଡି, ୪।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଝରିଗାଁ ବିଧାୟକ ପ୍ରକାଶ ମାଝିଙ୍କ ନାମରେ ଜଣେ ଯୁବତୀ ଯୌନ ନିର୍ଯାତନା ଓ ହତ୍ୟା ଧମକ ଅଭିଯୋଗ ଆଣିବା ପରେ ବୁଧବାର ବିଧାୟକଙ୍କ ଗିରଫ ଦାବିରେ ଥାନା ଘେରାଉ କରିଛି କଂଗ୍ରେସ ଓ ଭାଜପା। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଉଭୟ ଦଳ ଚେତାବନୀ ଦେଇଛନ୍ତି। ସୂଚନାନୁଯାୟୀ କଂଗ୍ରେସ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରି ଝରିଗାଁ ଥାନାରେ ପହଞ୍ଚି ଥିଲେ। ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଧାୟକଙ୍କ ଗିରଫ ଦାବି କରି ଥାନା ବାରଣ୍ଡାରେ ବସି କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପିସିସି ସମ୍ପାଦକ କ୍ଷେମରାଜ ବାଘ, ହରବତୀ ଗଣ୍ଡ, କାଳି ଦାସ, ଅର୍ଜୁନ ସମରଥ, ଗୋବିନ୍ଦା ପଟ୍ଟନାୟକ, ଯୁଧିଷ୍ଠିର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଚନ୍ଦାହାଣ୍ଡି ବ୍ଲକ ଭାଜପା ମଧ୍ୟ ବିଧାୟକଙ୍କ ଗିରଫ ଦାବି କରିଛି। ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝିଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚନ୍ଦାହାଣ୍ଡି ଚାରିଛକରେ ସେମାନେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝି, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଅକାଲୁ ଜାଲି, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଝରିଗାଁ ଥାନା ପର୍ଯ୍ୟନ୍ତ ଯାଉଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସର ଅନିର୍ଦ୍ଦିଷ୍ଟକାଳ ଧାରଣା

ପାପଡ଼ାହାଣ୍ଡି,୪।୫(ଡି.ଏନ୍.ଏ.)

୧୬ ଦଫା ଦାବି ନେଇ ବୁଧବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି। ଜନସାଧାରଣଙ୍କ ଉନ୍ନତୀକରଣ ନେଇ ଏହି ଧାରଣା ଦିଆଯାଇଛି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଚାଲିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୨୭ରେ କଂଗ୍ରେସ ଦଳ ପକ୍ଷରୁ ୧୬ ଦଫା ଦାବି ନେଇ ଏକ ଦାବିପତ୍ର ବିଡିଓ ରଞ୍ଜିତା ମଲ୍ଲିକଙ୍କୁ ଦିଆଯାଇଥିଲା। ଏହାର ନକଲ ଜିଲାପାଳ, ଡିଆରଡିଏ ପିଡି, ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ପାପଡ଼ାହାଣ୍ଡି ବସ୍‌ଷ୍ଟାଣ୍ଡ ନିର୍ମାଣ,



ଧାରଣାରେ ବସିଥିବା କଂଗ୍ରେସ କର୍ମୀ।

ପାଇକ ସାହି ଓ ହାଟପଦା ସାହିରେ ବର୍ଷା ଦିନେ ପାଣି ଜମି ବନ୍ୟା ପରିସ୍ଥିତି ହେଉଥିବାରୁ ଏହାର ସ୍ଥାୟୀ ସମାଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ ମେଶିନ ଅପରେଟର ନିଯୁକ୍ତି, ମହାପ୍ରୟାଣ ଯାନ ବ୍ୟବସ୍ଥା, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ପେନ୍‌ସନ ଯୋଜନା ସରଳୀକରଣ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ, କଲ୍ୟାଣ ମଣ୍ଡପ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଯୋଗ୍ୟ ହିତାଧିକାରୀ ଚୟନ କରିବାକୁ ଦାବି ହୋଇଛି। ସପ୍ତାହକ ମଧ୍ୟରେ ସମସ୍ୟା ସମାଧାନ କରିବାକୁ କୁହାଯାଇଥିଲା। କିନ୍ତୁ ସମୟ ସୀମା ମଧ୍ୟରେ କୌଣସି ସମସ୍ୟାର ସମାଧାନ ନ ହେବାରୁ ବୁଧବାର ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ପୂର୍ବତନ ବିଧାୟକ ସଦନ ନାୟକ, ଦ୍ୱାରିକା ମହାପାତ୍ର ପ୍ରମୁଖ ଅନଶନରେ ବସି ରହିଛନ୍ତି। ସେମାନଙ୍କ ସହ ଈଶ୍ୱର ମିର୍ଗାନ, ଶଶୀ ମୋହନ ଶର୍ମା, ଭି. ବିକାଶ ରାଓ, ଶେଖ ୱାଜିର ହୁସେନ, ଶେଖ୍ ଆକବର ହୁସେନ, ରବୀନ୍ଦ୍ର ପ୍ରଧାନ, ପବିତ୍ର ହରିଜନଙ୍କ ସହ ଶତାଧିକ ଦଳୀୟ କର୍ମୀ ଅନଶନରେ ବସିଛନ୍ତି।

